# ତହସିଲ କାର୍ଯ୍ୟାଳୟ, ସଦର କେନ୍ଦୁଝର,

# ଜିଲ୍ଲା-କେନ୍ଦୁଝର

**ବିଜ୍ଞାପନ ସଂଖ୍ୟା ୩୬୫୮/ତାରିଖ ୦୭.୦୬.୨୦୨୧**

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସଦର ତହସିଲ କେନ୍ଦୁଝର ଅନ୍ତର୍ଗତ ଲଘୁ ଖଣିଜ ସମ୍ପଦ ଉତ୍ସଗୁଡିକୁ (OMMC Rules-2016) ମୁତାବକ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules-୨୦୧୬ ରେ ପ୍ରଦତ୍ତ (Form- M) ପୂରଣ କରି ଏହାର ୩ କପି ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫା (Sealed Cover) ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ସଦର, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା ତା **୧୭.୦୬.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ପକାଇପାରିବେ (ଛୁଟି ଦିନ ବ୍ୟତିତ) । ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ **୧୭.୦୬.୨୦୨୧ରିଖ ଅପରାହ୍ନ ୫.୦୦** ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । ତା.**୨୧.୦୬.୨୦୨୧ରିଖ ପୂର୍ବାହ୍ନ ୧୨.୦୦** ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କୋଠରୀ (Chamber), ସଦର, କେନ୍ଦୁଝର ଠାରେ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ପ୍ରଥମ ତାରିଖରେ ଚୁଡାନ୍ତ ହୋଇନପାରିବ ସେହି ଉତ୍ସ ପାଇଁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା.**୨୮.୦୬.୨୦୨୧ରିଖ ଓ ତା୦୫.୦୭.୨୦୨୧ରିଖ** ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୩୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡିକୁ ତନଖି କରାଯାଇ ଲିଜ୍ ଧାରୀ ଚୟନ କରାଯିବ । ଉତ୍ସଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କେନ୍ଦୁଝର ଜିଲ୍ଲା Website– www.kendujhar.nic.in ରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ (ଛୁଟିଦିନ ବ୍ୟତିତ) ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ । କୌଣସି କାରଣ ନ ଦର୍ଶାଇ ଲିଜ୍ ସ୍ଥଗିତ / ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ଜିଲ୍ଲାପାଳଙ୍କର ରହିଅଛି ।

ତହସିଲଦାର–ତଥା- କ୍ଷମତା ସମ୍ପର୍ଣ୍ଣ
ପ୍ରାଧିକାରୀ,ସଦର, କେନ୍ଦୁଝର

Scanned with CamScanner

## ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବିଜ

୧। ଦରଖାସ୍ତ ଦେୟ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର (ଅଣଫେରସ୍ତ) ର ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rent and Royalties) ଦାଖଲ କରିବେ ।

୨। ଆବେଦନକାରୀ କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩। ଅତିରିକ୍ତ ଦେୟ (Addl. Charge) ଏବଂ ଏକ ବର୍ଷ ରୟାଲଟି ଦେୟର ୫ ପ୍ରତିଶତ ଅର୍ଥ ରାଶି ଅମାନତ ଆକାରରେ ତହସିଲଦାର, ସଦର, କେନ୍ଦୁଝରଙ୍କ ନିକଟରେ (Demand Draft) ଦରଖାସ୍ତ ସହ ସଂଲଗ୍ନ କରିବେ । {EMD-5% of {Minimum Guaranteed Quantity X (Royalty + Addl. Charge)}}

୪। ଆବେଦନକାରୀ ସଲଭେନ୍ସି ସାର୍ଟିଫିକେଟ ଅଥବା (ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ)) ରୟାଲଟି ପରିମାଣର ସମାନ ଅର୍ଥର Bank Guarantee ଯାହାକି ୧୮ ମାସ ନିମନ୍ତେ ବୈଧ ରହିଥିବା ସଙ୍ଗେ ସଙ୍ଗେ IT Return ଦାଖଲ କରିବେ ଓ ସ୍ଥାବର ସମ୍ପତିର ତାଲିକା ଦରଖାସ୍ତ ସହ ସଂଲଗ୍ନ କରିବା ବିଧେୟ ।

୫। ଆବେଦନ କରିଥିବା ଲିଜ୍ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୬। ସୈରାତ ଉକ୍ତ ସଂଲଗ୍ନ କୌଣସି ରୟତି ସତ୍ୱରେ ରାସ୍ତା କିମ୍ବା ଜମି ରହିଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ଥିବା ଦସ୍ତାବିଜ ପଇଠ କରିବେ ।

୭। ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା , ଉପଲବ୍ଧି ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବାବଦରେ ତଥ୍ୟ ।

୮। ଆବେଦନକାରୀ Voter Card ଓ PAN Card ଦରଖାସ୍ତ ସହ ସଂଲଗ୍ନ କରିବେ।

## ବିଶେଷ ସର୍ତ୍ତାବଳୀ

୧। ଆବେଦନକାରୀ / ଲିଜ୍ ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ-୨୦୧୭ ଓ Manual of Tahasil Account ର ପରିସରଭୁକ୍ତ ରହିବେ ।

୨। ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।

୩। ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ Form No.-F ରେ ସାତ ଦିନ ମଧରେ ଜଣାଇଦିଆଯିବ।

Scanned with CamScanner

୪। ଚୟନ ହୋଇଥିବା ଲିଜ୍ ଧାରୀ ୧୫ ଦିନ ମଧ୍ୟରେ ଚୟନ ପ୍ରକ୍ରିୟାକୁ ଗ୍ରହଣ କରିବାକୁ କ୍ଷମତା ସମ୍ପର୍ଣ୍ଣ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସୈରାତ ଉପର ବାର୍ଷିକ ଦେୟ {Minimum Guaranteed Quantity X (Royalty+Addl. Charge)}+Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଜମା କରିବେ ଯାହା କି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।

୫। ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ବା ଅନୁମୋଦିତ Mining Plan in ZB Form ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରନ୍ତି ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

୬। ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାପ କରନ୍ତି ତା'ହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀମାନଙ୍କୁ ସୁଯୋଗ ଦିଆଯିବ।

୭। ଲିଜ୍ ଧାରୀ Mines Act-1952 ଓ Explosive Act-1884 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ।

୮। ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟ କମଠାରୁ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନହିଁ ଏବଂ ଦରଖାସ୍ତଟି ନାକଚ କରାଯିବ ।

୯। ନିଲାମଧାରୀ ଲିଜ୍ ପାଇବା ପରେ ସୈରାତ ପରିଚାଳନା ପାଇଁ OMMC Amendment Rule-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ ।ଯଦି ନିଲାମଧାରୀ/ ଲିଜଧାରୀ ବର୍ଷର ଦେୟ ଦେବାରେ ଖିଲାପକରନ୍ତି, ତେବେ OMMC Rule ଅନୁଯାୟୀ ତାଙ୍କର ଚୁକ୍ତି ଅନୁମତି ପତ୍ର ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଙ୍କର ରହିଅଛି ।

୧୦। ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲଟି (Royalty) ଯଦି ଚୁକ୍ତି ପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କ ପାଇଁ ମଧ୍ୟ ଲାଗୁ ହେବ ।

୧୧। ଲିଜ୍ ଧାରୀ ଜମା ଦେୟର ୨% ଆୟକର (TDS) ବାବଦକୁ ଚାଲାଣ ଆକାରରେ ଏବଂ ୧୦% ଜିଲ୍ଲା ଖଣିଜ ପାଣ୍ଠି (DMF) ଓ ଶତକଡା ୫ ଭାଗ ଅର୍ଥ , ପରିବେଶ ପରିଚାଳନା ପାଣ୍ଠିକୁ ଧାର୍ଯ୍ୟ ମୂଲ୍ୟର ନିର୍ଦ୍ଧାରିତ ଦେୟ ପୈଠ କରିବାକୁ ପଡିବ ।

୧୨। ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

୧୩। ଲିଜ୍ ଚୁକ୍ତି ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନୁସୂଚି-୨ (Schedule-II) ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତା'ହେଲେ ଲିଜ୍ ଧାରୀ ବର୍ଦ୍ଧିତ ଦର ଅନୁଯାୟୀ ରୟାଲଟି ଦର ବୃଦ୍ଧି ତାରିଖ ଠାରୁ ପଇଠ କରିବେ ।

Scanned with CamScanner

୧୪। ଲିଜ୍ ରେ  ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉସ ଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ଉସର ପରିଚାଳନା ସମ୍ପର୍କରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୫। ଯଦି ଏହି ସୈରାତ ଉସର Mining Plan ଓ ଅନୁମୋଦନ ପରିବେଶ ମଞ୍ଜୁରୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜ୍ ଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇଥାଏ ତେବେ ଲିଜ୍ ଧାରୀ ଅନୁମୋଦନ କରାଇ ପରିବେଶ ମଞ୍ଜୁରୀ ପ୍ରାପ୍ତ ଓ ଲିଜ୍ ରାଜିନାମା ପରେ ଉସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା SO 1533/Dtd.14.09.2006 ଅନୁଯାୟୀ ଉସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ ।

୧୬। ଲିଜ୍ ପ୍ରଦାନ ପରେ ସୈରାତ ଉସର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

୧୭। ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜ୍ ଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବାପରେ  ବା ଲିଜ୍ ଚୁକ୍ତିନାମା ସମ୍ପାଦନା କରିବାପରେ ମୃତ୍ୟୁ ବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ  ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୮। ଲିଜ୍ ଧାରୀ ସୈରାତ ଉସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି ସେଥିରେ ସୈରାତ ଉସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ । ଲିଜ୍ ଧାରୀ ନିଜ ଦାୟିତ୍ୱରେ ପରିବହନ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୯। Mining Plan ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଦେୟ {Minimum Guaranteed Quantity X (Royalty+Addl. Charge)} ତାହା ସହ ଅନ୍ୟାନ୍ୟ ସରକାରୀ ଦେୟ Environment Clearance ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ୍ ଧାରୀ Odisha Registration Act-1908 & Stamp Act-1899 ଅନୁଯାୟୀ ଆବଶ୍ୟକ ଚୁକ୍ତି ପତ୍ର (Lease Deed) ନିଜ ଖର୍ଚ୍ଚରେ ସମ୍ପାଦନ କରିବାକୁ ବାଧ୍ୟ ହେବେ । ତଥା ଖଣି ପରିଚାଳନା ପାଇଁ Pollution Control Board ଙ୍କ ଠାରୁ CTO & CTE ଆଣି ଦାଖଲ କରିବେ ।

୨୦। ସମ୍ବାଦ ପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନିଲାମଧାରି ବହନ କରିବେ। ସୈରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ  (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ  ତେବେ ତାହା  ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି ।

Scanned with CamScanner

# ସୈରାତ ଉତ୍ସଗୁଡିକର ବିବରଣୀ

| କ୍ର. ସଂ. | କେସ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା | ସର୍ବ ନିମ୍ନ ମୂଲ୍ୟ (Per CM) | ଅତିରିକ୍ତ ମୂଲ୍ୟ (Addl. Charge per CM) | ମୋଟ ଧାର୍ଯ୍ୟ ମୂଲ୍ୟ per CM | ସର୍ବ ନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ | ଅମାନତ ରାଶି (EMD) 5% | Bank Guarantee |
|---|---|---|---|---|---|---|---|---|---|---|---|---|
| ୦୧ | ୧/୨୦୨୧ | ନିଷ୍ଠିତପୁର ପଥର ଖଣି | ନିଷ୍ଠିତପୁର | ୩୬ | ୯୭ | ୨.୧୩ | ୧୩୦.୦୦ | ୬୦.୦୦ | ୧୯୦.୦୦ | ୧୦୩୦୮.୦୦ | ୯୬୯୨୬.୦୦ | |
| ୦୨ | ୨/୨୦୨୧ | ମୁରୁସୁଆଁ ପଥର ଖଣି-୨ | ମୁରୁସୁଆଁ | ୧୪୬ | ୧୨୨୬ | ୧.୪୧ | ୧୩୦.୦୦ | ୧୧୫.୦୦ | ୨୪୫.୦୦ | ୧୦୮୦୦.୦୦ | ୧୩୨୩୦୦.୦୦ | |
| | | | | | ୧୨୩୫ | ୧୦.୩୩ | | | | | | |
| ୦୩ | ୩/୨୦୨୧ | ମୁରୁସୁଆଁ ପଥର ଖଣି-୧ | ମୁରୁସୁଆଁ | ୧୪୬ | ୧୨୨୯/ ୧୩୫୯ | ୨.୬୧ | ୧୩୦.୦୦ | ୬୦.୦୦ | ୧୯୦.୦୦ | ୧୦୬୧୦.୦୦ | ୧୦୧୬୪୫.୦୦ | |
| ୦୪ | ୪/୨୦୨୧ | ରଘୁନାଥପୁର ପଥର ଖଣି-୧ | ରଘୁନାଥପୁର | ୭୫ | ୨୮୭/୧ | ୩.୦୦ | ୧୩୦.୦୦ | ୬୦.୦୦ | ୧୯୦.୦୦ | ୧୦୬୧୦.୦୦ | ୧୦୧୬୪୫.୦୦ | |
| ୦୫ | ୫/୨୦୨୧ | ରଘୁନାଥପୁର ପଥର ଖଣି-୨ | ରଘୁନାଥପୁର | ୭୫ | ୨୮୭/୨ | ୩.୦୦ | ୧୩୦.୦୦ | ୮୦.୦୦ | ୨୧୦.୦୦ | ୧୪୮୫୦.୦୦ | ୧୫୫୯୨୫.୦୦ | |
| ୦୬ | ୬/୨୦୨୧ | ଟାଙ୍ଗରଣୀ ପଥର ଖଣି | ଟାଙ୍ଗରଣୀ | ୨୦୩ | ୧୪୪୯ | ୪.୨୮ | ୧୩୦.୦୦ | ୭୦.୦୦ | ୨୦୦.୦୦ | ୧୪୧୮୨.୦୦ | ୧୪୧୮୨୦.୦୦ | |

Asthapathi ୨୧

ତହସିଲଦାର-ତଥା-କ୍ଷମତାପ୍ରାପ୍ତ
ପ୍ରାଧିକାରୀ,ସଦର, କେନ୍ଦୁଝର

Scanned with CamScanner

ପରିପତ୍ର ସଂଖ୍ୟା ୩୪୪୯ ତାରିଖ ୦୨.୦୬.୨୦୨୧

ପତ୍ରର ଏକକିତ ନକଲ ସୈରାତ ଉସର ବିବରଣୀ ସହ ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର /ଉପ-ଜିଲ୍ଲାପାଳ, କେନ୍ଦୁଝର /ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦର ପଞ୍ଚାୟତ ସମିତି, କେନ୍ଦୁଝର ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ସେମାନେ ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ ସେମାନଙ୍କର କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

୨.୬.୨୧

ତହସିଲଦାର–ତଥା- କ୍ଷମତା ସମର୍ପ୍ତ

ପ୍ରାଧିକାରୀ,ସଦର, କେନ୍ଦୁଝର

ପରିପତ୍ର ସଂଖ୍ୟା ୩୪୫୦ ତାରିଖ ୦୨.୦୬.୨୦୨୧

ପତ୍ରର ଏକକିତ ନକଲ ସୈରାତ ଉସର ବିବରଣୀ ସହ ସମସ୍ତ ରାଜସ୍ୱ ନିରୀକ୍ଷକ / ସମସ୍ତ ପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ସେମାନେ ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ ସେମାନଙ୍କର କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

ତହସିଲଦାର–ତଥା- କ୍ଷମତା ସମର୍ପ୍ତ

ପ୍ରାଧିକାରୀ,ସଦର, କେନ୍ଦୁଝର

ପରିପତ୍ର ସଂଖ୍ୟା ୩୪୫୧ ତାରିଖ ୦୨.୦୬.୨୦୨୧

ପତ୍ରର ଏକକିତ ନକଲ ସୈରାତ ଉସର ବିବରଣୀ DIO, NIC, Keonjhar ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ District Website ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

ତହସିଲଦାର–ତଥା- କ୍ଷମତା ସମର୍ପ୍ତ

ପ୍ରାଧିକାରୀ,ସଦର, କେନ୍ଦୁଝର

Scanned with CamScanner